# ସାହିତ୍ୟ ଦର୍ପଣ



## ଉତ୍ତରାଧିକାରୀ ଚୟନ



**ପୂର୍ଣ୍ଣଚନ୍ଦ୍ର ବହଳୀ**

ଭାରତୀୟ ପ୍ରଗତି ପାର୍ଟିର ମୁଖିଆ କେଶରୀଲାଲ ଆଜିକାଲି ଆଉ ଖୁସି ନାହାନ୍ତି । କାରଣ ତାଙ୍କୁ ମୁଖିଆ ପଦ ଛାଡି ଆଉ କାହାକୁ ଶାସନ ଭାର ଦେବାକୁ ହେବ । ତେବେ କିଏ ଏହି ଭାର ସମ୍ଭାଳି ପାରିବ ସେଥିପାଇଁ ଉତ୍ତରାଧିକାରୀ ଚୟନ ତାଙ୍କ ପାଇଁ ଏକ ବିରାଟ ସମସ୍ୟା ହୋଇଛି । ଦେଶରେ ଯେଉଁ ଅବସ୍ଥା ଦେଖାଦେଇଛି ତାର ସମାଧାନ ଦିଗରେ କିଏ ମଙ୍ଗ ଧରିଲେ ଠିକ ହେବ ଭାବିପାରୁନାହାନ୍ତି । କାରଣ ଗୋଟିଏ ସମସ୍ୟା ସମାଧାନ ନ ହେଉଣୁ ଗଣ୍ଡା ଗଣ୍ଡା ସମସ୍ୟା ଉଭା ହେଉଛି । କଣ କରିବା ଠିକ ହେବ ଏଥିପାଇଁ ସେ ତାଙ୍କର ପରାମର୍ଶଦାତା ଛଗନଲାଲଙ୍କୁ ଡକାଇ ପଠାଇଲେ । ଛଗନଲାଲ ଆସିବା କ୍ଷଣି କେଶରୀଲାଲ କବାଟ ବନ୍ଦ କରିଦେଇ ତାଙ୍କ ସହ ବିଚାର ବିମର୍ଶ ଆରମ୍ଭ କରିଦେଲେ । ଏ ଖବର ଦଳୀୟ ମହାଲରରେ ବ୍ୟାପିଗଲା । ବୋଧେ ଆଜି ହିଁ ଉତ୍ତରାଧିକାରୀ ବଛା ହେବେ ଏହି ଆଶାରେ ଲାଇନରେ ଥିବା ନେତାଙ୍କ ଉତ୍ସାହ ବୃଦ୍ଧି ପାଇଲକ୍ଷ । କେଶରୀଲାଲ କହିଲେ ଦେଶରେ ସଂରକ୍ଷଣ, ଗରିବ , ବେକାରୀ, ଦୁର୍ନୀତି ହଟାଓ କମ କଣ ହେବ ଏହା ବଢ଼ି ଚାଲିଛି । ଜାତିଧର୍ମ,ଭାଷା,ରାଜ୍ୟ ରାଜ୍ୟ ଭିତରେ ଏକତା ବଦଳରେ ବିଭାଜନ ବୃଦ୍ଧି ପାଇବାରେ ଲାଗିଛି । ଏସବୁରୁ କଣ ଦେଶର ମୁକ୍ତି ସମ୍ଭବ ତୁମର ମତ କଣ ଛଗନ ଲାଲ ।

ଛଗନଲାଲ କହିଲେ ଆଜ୍ଞା କୁହନ୍ତୁ ଏ ସବୁରୁ ମୁକ୍ତି ମିଳିଲେ କେଉଁ ସମସ୍ୟା ଓ ଏହାର ସମାଧାନ କଥା କହି ଆପଣ ଜନତା ପାଖକୁଭୋଟ ପାଇଁ ଯିବେ । କେଉଁ ଆଶାରେ ସେମାନେ ଆପଣଙ୍କୁ ଭୋଟ ଦେବେ । ଏଭଳି ଅବସ୍ଥା ଜାରି ରହୁ ବୋଲି କଣ ଆପଣ ଚାହୁଁନାହାନ୍ତି ।

କେଶରୀଲାଲ ଟିକେ ମୁରୁକି ହସି କହିଲେ ଏ କଥା କହି ଜନତାକୁ ସବୁଦିନେ କଣ ବୋକା ବନାଇ ରଖିହେବ ।

କାହିଁକି ହେବନାହିଁ କହିଲେ କହିଲେ ଛଗନଲାଲ । ସବୁ ଠୁଁ ଭଲ ଉପାୟ ହେଲା ଏ ସବୁରୁ ନଜର ହଟାଇବା ପାଇଁ ନୂଆ ନୂଆ ସମସ୍ୟା ସୃଷ୍ଟି କେମିତି ହେବ, ପୁଣି ସମସ୍ୟା ଗୁଡିକରୁ ନଜର ହଟାଇବା ପାଇଁ ଗରିବ ହଟାଓ ନାମରେ ନୂଆ ନୂଆ ମାଗଣା ଯୋଜନା ନୀତି ପ୍ରଣୟନ କରିବା ତାହା ହିଁ ତ ଆମେ କରୁଛନ୍ତି କ୍ଷମାଗଣା ମିଳିଲେ ସବୁ ସମସ୍ୟା ଏଠାରେ ତୁଚ୍ଛ । ତେଣୁ ଯିଏ ବି ଆପଣଙ୍କ ଅନ୍ତେ ଆସିବ ସେ ଏଭଳି କାର୍ଯ୍ୟକୁ ଅଗ୍ରାଧିକାର ଦେଉଛି କି ନାହିଁ ଓ ସେ କିଭଳି ଲୋକ ତାହା ଉପରେ ଦୃଷ୍ଟି ଦିଅନ୍ତୁ । ତେବେ ଉତ୍ତରାଧିକାରୀ ଚୟନ କରିବା ପାଇଁ ଏ ଦେଶର ଅବସ୍ଥାକୁ ଚାହିଁ ଗୋଟିଏ ଉପାୟ ମୋ ମନରେ ଆସୁଛି । ଏହା ଦ୍ୱାରା ଆପଣ ଆଉ କିଛି ଦିନ ଶାସନରେ ରହିଯିବା ସହ କ୍ଷମତା ଭାର ଅର୍ପଣ ପାଇଁ ଉପଯୁକ୍ତ ଚୟନ ବି ହୋଇଯିବ । ଛଗନଲାଲଙ୍କ କଥା କେଶରୀଲାଲଙ୍କ ମନକୁ ପାଇଲା । ଏ ବିଷୟ ଯେଭଳି ବାହାରେ ପ୍ରଘଟ ନ ହେବ ତାହା ଗୋପନ ରଖାଗଲା । ରୁଦ୍ଧ ଦ୍ୱାର ବୈଠକ ଶେଷ ହେବା ମାତ୍ରେ ଛଗନ ଲାଲ ବାହାରକୁ ଆସିବା ମାତ୍ରେ ଦେଖିଲେ ଶାସନ ଭାର ନେବା ପାଇଁ ଆଶାୟୀଙ୍କ ଭିଡ଼ ଜମିଛି । ତେବେ ସମସ୍ତଙ୍କୁ ନିରାଶ କରି ସେମାନଙ୍କ ମଧ୍ୟରୁ ଚାରି ଜଣ ଶୀର୍ଷ ନେତାଙ୍କୁ ଠାରି ଦେଇ ଭିତରକୁ ଡାକିଲେ । ଅନ୍ୟମାନେ ଜାଣିଲେ ସେମାନଙ୍କର ଆଉ ଚାନ୍ସ ନାହିଁ ଯେଝା ବାଟରେ ଯିଏ ଚାଲିଗଲେ ।

ଏହାପରେ ପୁଣି ରୁଦ୍ଧ ଦ୍ୱାର ବୈଠକ ଆରମ୍ଭ ହେଲା । କେଶରୀଲାଲ ସମସ୍ତଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କଲେ ଏବଂ କହିଲେ ଆପଣ ଚାରିଜଣ ଏ ଦେଶର ନେତୃତ୍ୱ ନେବା ପାଇଁ ଉପଯୁକ୍ତ । ଚାରି ଜଣଙ୍କୁ ତ ନେତୃତ୍ୱ ଦେଇହେବନି । ବ୍ୟକ୍ତି ନୁହେଁ ପାର୍ଟି ବଡ଼ । ତେଣୁ ଆମ ପ୍ରଗତି ପାର୍ଟି ପୁଣି କ୍ଷମତାକୁ ଆସିବା ପାଇଁ ଯେଉଁ କଳା କୌଶଳ ଆବଶ୍ୟକ ତାହାର ପରୀକ୍ଷା ଆପଣମାନଙ୍କୁ ଦେବାକୁ ହେବ । ସମସ୍ତେ ଉତ୍ସୁକତାର ସହ କେଶରୀଲାଲଙ୍କୁ ଅନାଇ ରହିଲେ । କେଶରୀ ଲାଲ କହିଲେ ଏଇ ଚୈତ୍ର ପୂର୍ଣ୍ଣମା ଠାରୁ ଆସନ୍ତା ଚୈତ୍ର ପୂର୍ଣ୍ଣମା ପର୍ଯ୍ୟନ୍ତ ଦେଶ ଭ୍ରମଣ କରି ଅଭିଜ୍ଞତା ହାସଲ ସହ ଅଧିକ ରୋଜଗାର କରିପାରୁଛ ଏବଂ ଜନତାଙ୍କୁ ପ୍ରଭାବିତ କଲାଭଳି କଳା କୌଶଳ କେମିତି କିଏ ଶିଖିଛି ଜାଣିଲା ପରେ ଯୋଗ୍ୟ ବ୍ୟକ୍ତିଙ୍କୁ ହିଁ ଶାସନ ଭାର ଦିଆଯିବ । ଏହାପରେ ଚାରି ଜଣ ଦେଶର ଭିନ୍ନ ଭିନ୍ନ ଅଞ୍ଚଳକୁ ପରିଭ୍ରମଣରେ ଯାଇ ନିର୍ଦ୍ଦିଷ୍ଟ ସମୟରେ ଆସି ପହଂଚିଗଲେ । କେଶରୀଲାଲ ଜଣକ ପରେ ଜଣେ ଆସି ଦେଖା କରିବାକୁ କହି ଛଗନଲାଲକୁ ନେଇ ଘର ଭିତରକୁ ଗଲେ । ଏହାପରେ ଜଣକ ପରେ ଜଣେ ଆସିବାକୁ କୁହାଗଲା ।

ପ୍ରଥମ ଜଣକ ଆସି କହିଲା ଶାସନରେ ବସିବା ପାଇଁ ଶାସକର ଧର୍ମ ହେଲା ପରିଶ୍ରମୀ ହେବା ସହ ସଚୋଟ ଓ ନୀତିବାନ ହେବା ଜରୁରୀ । ଏଥିପାଇଁ ମୁଁ ଗୋଟିଏ ଜମିଦାର ପାଖରେ ରହି ନିଷ୍ଠାର ସହ କାର୍ଯ୍ୟ କରିବାକୁ ଲାଗିଲି । ମୋ ବ୍ୟବହାରରେ ସେ ସନ୍ତୁଷ୍ଟ ହୋଇ କ୍ରମଶଃ ତାଙ୍କର ଜମା ହିସାବ, ସୁଧ ହିସାବ ଓ ଆଦାୟ କରିବା କାମ ଇତ୍ୟାଦି କରିବାକୁ ଦେଲେ । ଜମିଦାର ଅନ୍ୟାୟ କରୁଥିବା ଜାଣି ମଧ୍ୟ ମୁଁ କେବେ ସେଥିରେ ମୁଣ୍ଡ ନ ପୁରାଇ କାର୍ଯ୍ୟ କରେ । ମୁଁ ଚାହିଁଥିଲେ ଅସତ ଉପାୟରେ ବି ବହୁ ଅର୍ଥ କମାଇ ପାରିଥାନ୍ତି । କିନ୍ତୁ ଶାସନରେ ରହିବା ପାଇଁ ନୀତିବାନ ଓ ଦୁର୍ନୀତି ଖୋର ନ ହେବା ପ୍ରଥମ ଆବଶ୍ୟକତା । ଜମିଦାର ମୋ ସଚ୍ଚୋଟ ପଣିଆରେ ଖୁସି ହୋଇ ମୋର ପରିଶ୍ରମିକ ସହ କିଛି ସ୍ୱର୍ଣ୍ଣମୁଦ୍ରା ଉପହାର ଦେଲେ । ଏବେ ମୋ ପାଖରେ ଚାରି ଲକ୍ଷ ଟଙ୍କା ଅଛି । ତେଣୁ ମୁଁ ଭାବୁଛି ଶାସନ ଭାର ମୋତେ ଅର୍ପଣ କରାଯାଉ ।

ଏହାପରେ ଦ୍ୱିତୀୟ ବ୍ୟକ୍ତି ଆସି କହିଲା ଶାସନ ସମ୍ଭାଳିବା ପାଇଁ ବାହୁବଳୀ ହେବା ନିହାତି ଜରୁରୀ । ଏହାଦ୍ୱାରା ସମାଜରେ ଭୟ ରହିବ । ଡରାଇ ଧମକାଇ ପୁଞ୍ଜିପତି, ଶିଳ୍ପପତି ମାନଙ୍କ ଠାରୁ ମୋଟା ଅର୍ଥ ସଂଗ୍ରହ କରିହେବ । ତେଣୁ ମୁଁ କିଛି ଛୋଟ ଛୋଟ ଗୁଣ୍ଡାମାନଙ୍କ ସଂସ୍ପର୍ଶରେ ଆସିଲି । ସେମାନେ ଯେତେବେଳେ ଜାଣିଲେ ମୁଁ ଶାସକ ପାର୍ଟିର ନେତା ସମସ୍ତେ ଆଗ୍ରହରେ ମୋ କଥା ମାନିବା ପାଇଁ ରାଜି ହୋଇଗଲେ । ସେମାନଙ୍କୁ ନେଇ ନେଇ ମୋ ସାମ୍ରାଜ୍ୟ ବୃଦ୍ଧି କରିବାକୁ ଲାଗିଲି । କ୍ରମଶଃ ସେଠାରେ ମୋର ଆଧିପତ୍ୟ ବଢିଲା । ଦୁର୍ନୀତିଗସ୍ତ ଅଧିକାରୀଙ୍କ ଠାରୁ ଆରମ୍ଭ କରି ମୁନାଫାଖୋର ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ ଅର୍ଥ ଆଦାୟ ହେବା ସହଜ ହେଲା । ରୋଜଗାରର ସୀମା ବି ବଢ଼ି ଚାଲିଲା । ଏହି ଉପାୟରେ ଏବେ ମୁଁ ପାଞ୍ଚ ଲକ୍ଷ ଅର୍ଥ କମାଇ ପାରିଛି ।

ରାଜାଙ୍କ ସଂକେତ ଦେବା କ୍ଷଣି ତୃତୀୟ ବ୍ୟକ୍ତି ଆସି ପହଂଚିଗଲା ଓ କହିଲା ମୁଁ ଭଲ ବ୍ୟବସାୟ କରିବା ପାଇଁ ଚିନ୍ତା କରି ରାଜଧାନୀରେ ବ୍ରାଣ୍ଡେଡ ଘିଅର ଏକ ବଡ଼ ଦୋକାନ ଖୋଲିଲି । ଯେତେବେଳେ ଏହାର ବିକ୍ରୟ ପରିମାଣ ବଢ଼ି ଚାଲିଲା ବ୍ରାଣ୍ଡେଡ ନାମରେ ନକଲି ଘିଅ ପ୍ରସ୍ତୁତ କରି ବିକିବାକୁ ଲାଗିଲି । ଏପରିକି ଥରେ ସେଠାକାର ଜିଲ୍ଲାପାଳ ମୋତେ ଡାକି ପଚାରିଥିଲେ ତୁମେ ଘିଅ ଓ ତେଲ ରେ କିଛି ଅନ୍ୟାନ୍ୟ ଦ୍ରବ୍ୟ ମିଶାଇ ବିକ୍ରି କରୁଛ କି । ମୁଁ କହିଲି ଜିଲ୍ଲାପାଳ ମହୋଦୟ ଯେଉଁ ଦ୍ରବ୍ୟ ମୁଁ ମିଶାଉଛି ତାହା ଖୁବ ଉଚ୍ଚକୋଟୀର । ବଡ଼ ବଡ଼ ଲୋକଙ୍କ ପାଇଁ ମୁଁ ଏହା ବିଦେଶରୁ ମଗାଉଅଛି । ଆଜ୍ଞା ଯେଉଁମାନେ ଏହା କିଣୁଛନ୍ତି ସମାଜରେ ସେମାନେ ଉଚ୍ଚଶିକ୍ଷିତ ଓ ପଇସାବାଲା । ବିଦେଶରୁ ଆମଦାନୀ ଜିନିଷ ଭଲ ବୋଲି ସେମାନେ କଣୁଛନ୍ତି । ତାଙ୍କୁ ଖୁସି କରିବା ପାଇଁ ବ୍ରାଣ୍ଡେଡ ଘିଅରୁ ପାଞ୍ଚ ପାକେଟ ଦେଇଦେଲି । ସେ ଖୁସି ହୋଇଗଲେ । ଶାସନରେ ରହି ଚାଲାକ ଓ ଅସତ ଉପାୟରେ ଅର୍ଥ ରୋଜଗାର ନ କଲେ ଆଁ କରି ଅନାଇଥିବା ପ୍ରଜାଙ୍କୁ ସନ୍ତୁଷ୍ଟ କରିବା, ଭୋଟ ପାଇଁ ନୋଟ ଦେବା ନିଜର ସୁରକ୍ଷା ପାଇଁ କିଛି ଗୁଣ୍ଡା ପୋଷିବା କଣ ସହଜ । ସିଦାସାଧା ଲୋକ ଗୋଟିଏ ଦିନ ବି ଗାଦିରେ ରହିପାରିବେ ନାହିଁ କ୍ଷ ମୁଁ ଶାସନ ଭାର ନେବାକୁ ହିଁ ଉପଯୁକ୍ତ । ମୁଁ ଏବେ ଚାଳିଶ ଲକ୍ଷ ଟଙ୍କାର ଅଧିକାରୀ ।

ଏହା ପରେ ଶେଷ ବ୍ୟକ୍ତିକୁ ଡକାଗଲା । କେଶରୀଲାଲ ତାହାର ବେଶଭୂଷା ଦେଖି ତାଜୁବ ହୋଇଗଲେ । ପାଦ ଖାଲି, ଲଣ୍ଡା ମସ୍ତିଷ୍କ, ମୁଖ ପ୍ରସନ୍ନ ଓ ଆଖିରେ କରୁଣା ଭାବ, ଶାନ୍ତଶିଷ୍ଟ ମଣିଷ ଭଳି ଲାଗୁଥିଲା । ସେ କହିଲା ମୁଁ ବହୁତ ସ୍ଥାନ ବୁଲିଲି କିନ୍ତୁ କିଭଳି ଉପାୟ କଲେ ରୋଜଗାର ବଢିବ ଉପାୟ ପାଇଲିନାହିଁ । ଭୋକ ଉପାସରେ ରହିବାକୁ ପଡିଲା । ଏହିଭଳି ବୁଲୁ ବୁଲୁ ଗୋଟିଏ ବଡ଼ ଅଟ୍ଟାଳିକା ପାଖରେ ପହଂଚିଲି ସେଠାରେ ଲେଖାଥିଲା ମାନବ ସେବା କେନ୍ଦ୍ର । ସେଠାରେ ନିଶ୍ଚୟ ଖାଇବାକୁ ମିଳିବଭାବି ଅଟ୍ଟାଳିକା ଭିତରକୁ ଗଲି । ମୁଁ ତା ଭିତରକୁ ଗଲି । ସେଠାରେ ତିନି ଚାରି ଜଣ ଲୋକ ବହୁତ ସ୍ୱର୍ଣ୍ଣ ମୁଦ୍ରା ଗଣୁଥିବାର ଦେଖି ଅଟକି ଗଲି । ଜଣେ ପଚାରିଲା କଣ ଦେଖୁଛୁ । ମୁଁ କହିଲି ଏ ସ୍ୱର୍ଣ୍ଣ ମୁଦ୍ରା କମାଇବା ପାଇଁ ଧନ୍ଦା କଣ କରିବାକୁ ହେବ । ମୋର ଆଖି ସେଇଠି ହିଁ ରହିଥିଲା କ୍ଷ ମୁଁ ପଚାରିଲି ଏତେ ସୁନା କେଉଁଠୁ ଆଣୁଛ ।

ସେ କହିଲା ତ୍ୟାଗ ଓ ସେବା ବଳରେ । ମୁଁ କହିଲି ତ୍ୟାଗ ଓ ସେବା ତ ଧର୍ମ, ତାହା ଧନ୍ଦା କିପରି । ଲୋକଟି ରାଗିଯାଇ କହିଲା ଯଦି ବୁଝିପାରୁନାହୁଁ ପଳାଅ ଏଠାରୁ । ଆଉ ଜଣେ ବ୍ୟକ୍ତି ଦୟା ପରାବଶ ହୋଇ କହିଲା ତୋର ସୁନା ପାଇବାକୁ ଇଚ୍ଛା ହେଉଛି କି । ମୁଁ ଚଟାପଟ କହିଲି ମୋ ମୁହଁରୁ କଥାଟା ଛଡାଇନେଲେ । ସେ ଲୋକ କହିଲା ତୁମ ଚେହେରାରୁ ଜଣାପଡୁଛି ଅସୁବିଧାରେ ଅଛ । କିନ୍ତୁ ସୁନା କମାଇବା ପାଇଁ ତୁମକୁ ଏହି ସେବା ଆଶ୍ରମରେ ଟ୍ରେନିଂ ନେବାକୁ ପଡିବ । ତା ପରେ ଆପେ ଆପେ ଧନ୍ଦା କଣ ଜାଣିଯିବ । ମୁଁ ରାଜି ହୋଇଗଲି ।

ସେଠାରେ ମୁଁ ବଡ଼ ଆରାମରେ ରହିଲି । ସୁସ୍ୱାଦୁ ଖାଦ୍ୟ, ପାଖରେ ସୁନ୍ଦରୀ ମାନଙ୍କ ସେବା, ନାହିଁ ନଥିବା ଭୋଗ ବିଳାସରେ ମୁଁ ରହିଲି । ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ମହାଭାରତ, ପୁରାଣ ଠୁଁ ଆରମ୍ଭ କରି ଚୋର ଠକ୍କର ପର୍ଯ୍ୟନ୍ତ ବିଭିନ୍ନ କାହାଣୀ ଦ୍ୱାରା କିଭଳି ଲୋକମାନଙ୍କୁ କଥା ମାଧ୍ୟମରେ ବଶ କରିବାକୁ ହେବ ତାହାର କଳା ମୋତେ ଶିଖାଇ ଦିଆଗଲା । ଦିନେ ଆଶ୍ରମର ମୁଖ୍ୟ ମୋତେ ଡାକି କହିଲେ ତୁମର ଶିକ୍ଷା ଏବେ ସମାପ୍ତ । ଧନ ଅର୍ଜନ କରିବାକୁ କଣ କଣ କରିବାକୁ ହେବ ପାଠ ସହ କିଛି ଶାଠ ମଧ ଜାଣିଗଲ ନା ନାହିଁ । ମୁଁ କହିଲି ତ୍ୟାଗ ଓ ସେବା ମାନବର ପରମ ଧର୍ମ ଏବେ ବୁଝିଗଲି ।

ଆଶ୍ରମର ମୁଖ୍ୟ କହିଲେ ଏବେ ତୁମେ ଯାଅ ଓ ଧନ୍ଦା ଆରମ୍ଭ କରିଦିଅ । ଭଗବାନଙ୍କ କୃପାରୁ ଭଲ ଆୟ ହେବ । ହଁ ଯେ ପର୍ଯ୍ୟନ୍ତ ଭଲ ଆୟ ନ ହୋଇଛି ତୁମେ ଚାହିଁଲେ ଏଠାରେ ରହି ପାରିବ । ଯେଉଁଠି ରୁହ ପ୍ରତ୍ୟେକ ଦିନ ଯାହା ପାଇବ ଏଠାରେ ଗୁରୁ ଦକ୍ଷିଣା ବି ଦେଉଥିବ । ମୁଁ ଆନନ୍ଦ ମନରେ ଧଳା ବସ୍ତ୍ର ପରିଧାନ ପୂର୍ବକ ମଥାରେ ଚିତା କାଟି ବେକରେ ଏକ ମାଳି ପକାଇ ହାତରେ ବାଡ଼ି ଓ କମଣ୍ଡଳ ଧରି ବାହାରି ଗଲି ।

ସେଠାରୁ ଯାହା କିଛି ଅର୍ଥ ଥିଲା ଗୋଟିଏ ଘର ଭଡା ସୂତ୍ରରେ ନେଇ 'ମାନବ ସେବା' ନାମକ ଏକ ସଙ୍ଘ ଗଠନ କଲି । ସେଠାରେ ମୋ କଳା ଆରମ୍ଭ କଲି । ଲୋକମାନଙ୍କୁ ପ୍ରବଚନ ଜରିଆରେ ବଶ କରିବା ଆରମ୍ଭ କଲି ଓ କିଛି ଚମତ୍କାରୀତା ଦେଖାଇବା ଭୁଲିଲି ନାହିଁ ଲ ଲୋକମାନେ ଖୁସିରେ ଯାହା ଦେବେ ତାହା ଗରିବ, ଭୋକରେ ରହୁଥିବା, ବିନା ବସ୍ତ୍ରରେ ଦିନ କାଟୁଥିବା, ଅଭାବ ଅସୁବିଧାରେ ରହୁଥିବା ଲୋକଙ୍କ ସାହାଯ୍ୟରେ ଲାଗିବ ବୋଲି ସୁନ୍ଦର ସୁନ୍ଦର କାହାଣୀ, ଉପାଖ୍ୟାନ ଦେଇ ସେମାନଙ୍କ ମନ ଜିଣି ବହୁ ଅର୍ଥ କମାଇଲି । ଏବେ ୫୦ ଲକ୍ଷ ଟଙ୍କାର ସ୍ୱର୍ଣ୍ଣମୁଦ୍ରା ମୋ ପାଖରେ ଅଛି ।

କେଶରୀଲାଲ ଛଗନଲାଲଙ୍କୁ ପାଖକୁ ଡାକି ଏ ଚାରିଜଣଙ୍କ ଭିତରୁ କାହାକୁ ଶାସନ ଭାର ଦେଲେ ଠିକ ହେବ ବୋଲି ପଚାରିଲେ । ଛଗନଲାଲ କହିଲେ ମୋ ମତରେ ଶେଷୋକ୍ତ ବ୍ୟକ୍ତି ଜଣକ ରାଜ୍ୟ ଭାର ନେବା ପାଇଁ ଉପଯୁକ୍ତ । କାରଣ ସେ ପରିଶ୍ରମୀ, ଚାଲାକ, ଧୂର୍ତ୍ତ , ସାହସୀ ଓ କାହାରି କ୍ଷତି ନ କରି ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବା ସହ ଦରକାର ପଡିଲେ କ୍ଷତ ନ କରି ରକ୍ତ ଶୋଷିବା କଳା ବି ତାଙ୍କୁ ଜଣା । ଯେଉଁ ତିନି ଜଣ ନେତା ଏହା ଆଗରୁ ଯାହା ଯାହା କରିଛନ୍ତି କହିଲେ ସେମାନଙ୍କର ସମସ୍ତ ଗୁଣ ବି ଏହା ପାଖରେ ବିଦ୍ୟମାନ । କେଶରୀ ଲାଲ ଗୋଟିଏ ଭଲ ଦିନ ଦେଖି ଶେଷରେ କହିଥିବା ନେତାଙ୍କୁ ଶାସନ ଭାର ଦେବା ପାଇଁ ଏକ ବିରାଟ ସଭାର ଆୟୋଜନ କଲେ ଓ ଉକ୍ତ ବ୍ୟକ୍ତିଙ୍କୁ କିଛି କହିବା ପାଇଁ କହିଲେ । ଉକ୍ତ ନେତା ଜଣକ ଅଳ୍ପ କିଛି କହିଛନ୍ତି କି ନାହିଁ ତାଙ୍କ କଥାରେ ବିମୋହିତ ହୋଇ କରତାଳିରେ ସଭାସ୍ଥଳ କମ୍ପି ଉଠିଲା । କେଶରୀଲାଲ ଦେଖିଲେ ତାଙ୍କ ଚୟନ ଠିକ । ସାଙ୍ଗେ ସାଙ୍ଗେ ମଞ୍ଚରେ ଠିଆ ହୋଇ ଶାସନ ଭାର ଉକ୍ତ ନେତାଙ୍କୁ ( ହୀରାଲାଲଙ୍କୁ ) ଅର୍ପଣ କରାଗଲା ବୋଲି ଘୋଷଣା କରିଦେଲେ ।

*ସମ୍ପାଦକ ଶିବାନୀ*
*ଗରଦପୁର, ଭଦ୍ରକ*
*ମୋ- ୯୮୬୧୪୪୪୨୦୦*

## ସୁଖଦୁଃଖ

*ଆଦ୍ୟାଶା ମହାପାତ୍ର*



ରାତି ପରେ ଦିନ ଦିନ ପରେ ରାତି
ଯେମିତି ଛୁଅନ୍ତି ଧରା
ପ୍ରତିଟି ଜୀବନେ ଆସନ୍ତି ସେମିତି
କେବେ ଛାଇ କେବେ ଖରା ॥
ସୁଖ ଦୁଃଖ ପୁଣି ଆସନ୍ତି କ୍ରମରେ
ଆଲୋକ ଅନ୍ଧାର ତୁଲ
ଦୁଃଖ ଅନିଭୋଗ ଲାଗଇ ପ୍ରଭୂତ
ସୁଖ ଟି ଶେଫାଳି ଫୁଲ ॥
ସୁଖ କେବେ ମନେ ଈର୍ଷା ଉପୁଜାଏ
ଦୁଃଖ ପ୍ରାଣତନ୍ତ୍ରୀ ଛୁଏଁ
ପାଣିର ଫୋଟକା ପ୍ରାୟେ ସୁଖଭୋଗ
ଦୁଃଖ ଲୁହ ହୋଇ ବହେ ॥
ସୁଖ ଦୁଃଖ ସତେ ଜୀବନ ଜ୍ୟାମିତି
ଯୁଗଳେ ପରିପୂରକ
ସୁଖ ଦେଖାଏ ତା ଭେକ ସଂସାରରେ
ଲୋତକେ ଆପ୍ଲୁତ ଦୁଃଖ ॥
ସୁଖ ଦୁଃଖ ପରା ପ୍ରାରବ୍ଧ ପ୍ରସୂତ
ଏକ ପରେ ଆନ ପାଳି
ଦୁଃଖ ଭାଗ ସିନା ଭାରୀ ତରାଜୁରେ
ସୁଖ ହୃଦ ଗଲା ମାଳି ॥
ଅସରା ଲାଗଇ ଦୁଃଖ ପଥ ସିନା
ଲମ୍ବା ନୁହେଁ ସୁଖ ପଥ
ପ୍ରତିଟି ଜୀବନେ କର୍ମ ଅବା ଭାଗ୍ୟ
ନଥାଏ ସମାନୁପାତ ॥

*ନୂଆପଡା,କଟକ*

## ପୁରୀ ରଥ ମୁହିଁ ଟାଣିବି

*ନିରଞ୍ଜନ ସାହୁ*



ଭାରି ଇଚ୍ଛା ଥିଲା ତୁମ ସାଥେ ଯାଇ
ପୁରୀ ରଥ ମୁହିଁ ଟାଣିବି
ଶ୍ରୀକ୍ଷେତ୍ରେ କିପରି ରଥଯାତ୍ରା ହୁଏ
ପ୍ରତ୍ୟକ୍ଷ ଭାବେ ମୁଁ ଜାଣିବି ।
ଆଶା ବାନ୍ଧିଥିଲି ରଥରେ ଟିକିଏ
ବାମନ ବେଶ ମୁଁ ଦେଖିବି
ଘୋଷଯାତ୍ରା ଅଭିଜ୍ଞତା ଆଧାରରେ
ଅନୁଭୂତି ମୁହିଁ ଲେଖିବି
ଆସିବା ବେଳେ ମୁଁ ନିର୍ମାଲ୍ୟ ପୁଡିଆ
ଶରଧାରେ କିଣି ଆଣିବି ।
ରଥଯାତ୍ରା କାଳେ ଶ୍ରୀକ୍ଷେତ୍ର ରହଣୀ
ମୋ ମନେ ଆନନ୍ଦ ଭରିବ
ଆଡପ ମଣ୍ଡପେ ଠାକୁରଙ୍କୁ ଦେଖି
ମୋ ଆଖିରୁ ଲୁହ ଝରିବ
ଭକ୍ତଙ୍କ ଭିତରେ ନିଜକୁ ହଜାଇ
ଶୁଦ୍ଧ ପ୍ରେମ ରସ ଛାଣିବି ।
ଆଶା ସେହିପରି ଆଶାରେ ରହିଲା
ନେଲନାହିଁ ପୁରୀ ଧାମକୁ
ଘରେ ରହିକରି ମନ ବୁଝୁନାହିଁ
ଜପୁଛି ମୁଁ ପ୍ରଭୁ ନାମକୁ
ତୁମେ ଫେରିଆସି ଯେତେ
ବୁଝାଇଲେ
ଶୁଣିବିନି ମୁହିଁ ହାଣିବି ।

*ନିହଲ ପ୍ରସାଦ ,*
*ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ :୯୯୩୮୭୪୧୫୮୩*

## ଛାଇ

*ରତ୍ନକାନ୍ତି ମିଶ୍ର*



ଚାଲୁଥିଲେ ତୁମେ ଚାଲୁଥିବି ମୁହିଁ
ତୁମ ପାଶେ ଛାଇ ହୋଇ
ଥକିଗଲେ ତୁମେ ବାଟ ଚାଲୁ ଚାଲୁ
ପ୍ରତୀକ୍ଷାରେ ଥିବି ରହି ॥
କେବେ ଛାଇ ହୋଇ ତୁମକୁ ଘୋଡାଇ
ଥିବି ପାଶେ ସନ୍ତର୍ପଣେ
ସେ ଛାଇ ତୁମକୁ ଆଶ୍ୱାସନା ଦେଇ
ବାନ୍ଧିଥିବ ପ୍ରୀତିପଣେ ॥
ତୁମଠୁ ଦୂରରେ ରହିଲେ ବି କ୍ଷଣେ
ସ୍ମୃତି-ଛାଇ ପାଶେ ଥିବ
ସେଇ ଛାଇ ମୋତେ ତୁମରି ଆବେଶେ
ପ୍ରତିକ୍ଷଣ ବାନ୍ଧିଥିବ ॥
ଏଇ ଧରା ପୃଷ୍ଠ ?
ତମେ ଯେବେ ଯାଏଁ
ହେଉଥିବ ଆତଯାତ
ତୁମ ପାଇଁ ଛାଇ ହେବା ଏ ଜୀବନେ
ଐକାନ୍ତିକ ଅଭିଳାଷ ॥
ଅନ୍ଧାରରେ ଛାଇ ଅଦୃଶ୍ୟ ହେଲେ ବି
ଥାଏ ସଦା ଦେହ ସାଥେ
ଭାବୁଥିବ ସଦା ତୁମ ପାଶେ ଅଛି
ଜ୍ଞାତେ ହେଉ ବା ଅଜ୍ଞାତେ ॥
ତୁମ ପାଇଁ ଛାଇ ପରଶି ଦେବାକୁ
ଖରାରେ କରିବି ସ୍ନାନ
ସେ ଛାଇ କ୍ଷଣିକେ ଭାଙ୍ଗିଦେବ ଯେତେ
ତୁମ ମିଛ ଅଭିମାନ ॥
ଜାଣିବ ସେ ଆଉ କେହି ନୁହେଁ ଜମା
ମୋ ମନ ଗହନ ଛାଇ
ପ୍ରୀତି ଅନୁରାଗେ ଥିବି ତୁମ ପାଶେ
ଛାଇର ମର୍ଯ୍ୟାଦା ପାଇଁ ॥

*ଆଳି, କେନ୍ଦ୍ରାପଡା*

## ଅନୁଭବ

*ସୁଧାକର ରାଉତ*



ତୁମେ ତ ଜାଣିନ କେବେ
ପରଶ ଲୁହର
କିପରି କହିବ ସିଏ
ଶୀତଳ ଅବା ଉଷ୍ମ
ତୁମ ଓଠ ପିଇନି ତ କେବେ
ଜାଣତେ ବା ଅଜାଣତେ ତାକୁ
ତୁମେ କି ବୁଝିବ
ତା ସହ ଫେଣ୍ଟା ଫେଣ୍ଟି ହୋଇଛି
କେତେ ତାଜା ରକ୍ତ ଅନ୍ତରର ।
ତୁମକୁ ତ ଘାରିଛି ପାଇବା ନିଶା
ଖୋଜି ଚାଲିଛ ସବୁ ଅନ୍ଧାର ଆଡେ
ବହଳ ଜହ୍ନ ଜୋଛନା ରେ ବି
ଅଧିକ ଆଲୋକ ପାଇଁ ।
ତୁମେ ତ ଧରିଥିଲ
ମୋ ତମାମ ସବୁଜ ମନକୁ
ତନ୍ନ ତନ୍ନ କରି କଲ ବ୍ୟବଚ୍ଛେଦ
ଏବେ କଣ ଭାବି
ହଟେଇ ଦେଲ ଜୀବନପଥୁ
ଆତତାୟୀ ମନେକରି ।
ଦେଖ ତମ ବାରଣ୍ଡାରେ
ସମ୍ପର୍କମାନେ ଲଗାଇଛନ୍ତି ଭିଡ
ଫଗୁଣକୁ ଝୁଣି ଖାଆନ୍ତି
ଯନ୍ତ୍ରଣାର ଚିଲ ।
ଆଉ ତୁମେ ସମାନ୍ତରାଳ
ପାପର ଧାରରେ
ଛିଡ଼ା ହୋଇ
ଅତୀତକୁ ଭବିଷ୍ୟତ ଭାବି
କରୁଛ ଅକାରଣେ କଲବଲ ।

*ପ୍ରତାପ ନଗରୀ, କଟକ*
*ମୋ : ୮୨୪୯୯୩୨୭୯୨*

## ଚରିତ୍ରର ମାନଚିତ୍ର



**ସୁଦର୍ଶନ ମହାପାତ୍ର**

ହେତୁ ପାଇଲା ଦିନୁ ଶେଷ ପର୍ଯ୍ୟନ୍ତ ବାପାଙ୍କୁ ଯେତିକି ଚିହ୍ନିଥିଲି ସେତିକି ଅଚିହ୍ନା ରହିଗଲେ ବୋଲି ମୁଁ କହିପାରେ ।

ମୋ 'ବାପା' ଡାକର ଜବାବରେ ବାପାଙ୍କ ପାଟିରୁ ଯେଉଁ ଶବ୍ଦଟିଏ ବାହାରୁଥିଲା ସେତିକିରେ ମୁଁ ଅନୁଭବ କରୁଥିଲି ଏକ ସ୍ୱସ୍ତି ଆଉ ସମ୍ଭାବନାମୟତାର ସ୍ୱର ? । ସବୁ ଚିନ୍ତା, ସବୁ ଯନ୍ତ୍ରଣା ଉପଶମର ଅବ୍ୟର୍ଥ ଔଷଧ । ସେ ଥିଲେ ଧୈର୍ଯ୍ୟ ଓ ସାହସର ଦୀପଦଣ୍ଡୀଟିଏ । ସେ ଥିଲେ ମୋ ଅବଚେତନ ମନର ସୂକ୍ଷ୍ମ ଚେତନାଟିଏ ଆଉ ଦୁଃଖଦ ମୁହୂର୍ତ୍ତର ମଧୁର ଭାବନାଟିଏ ।

ଶାସନ ଓ ସଂସ୍କାରର ଜୀବନ୍ତ ପ୍ରତିମୂର୍ତ୍ତି ଥିଲେ ବାପା । ଘର ହେଉ ଅବା ବାହାର,ସମଦୃଷ୍ଟି ଓ ସମଭାବାପନ୍ନର ବିରଳ ଚରିତ୍ର ସେ । ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ଥିଲେ ସୁପରିଚିତ । ତାଙ୍କର ପ୍ରଜ୍ଞାଦୀପ୍ତ ଚେହେରା, ପାଠପଢ଼ାର ଶୈଳୀ ହିଁ ତାଙ୍କୁ ଅନନ୍ୟ କରି ତୋଳିଥିଲା । ସମୟାନୁବର୍ତ୍ତିତା, ଅଧ୍ୟବସାୟ, ଚରିତ୍ର, ଶୃଙ୍ଖଳା ଆଦିକୁ ଖୁବ୍ ଗୁରୁତ୍ୱ ଦେଉଥିଲେ ସେ । କୌଣସି ପ୍ରକାରର ଅନିୟମିତତା, ଅନୈତିକ କାର୍ଯ୍ୟକଳାପକୁ ଆଦୌ ପସନ୍ଦ କରୁନଥିଲେ ସେ ।

କେବଳ ସ୍କୁଲରେ ପଢୁଥିବା ପିଲା ନୁହଁନ୍ତି, ଆଖପାଖ ଗାଁରେ ସମସ୍ତେ ତାଙ୍କୁ ଚିହ୍ନନ୍ତି 'ସାର୍' ନାଁ ରେ । ସାର୍ କହିଲେ ଯେ କେହି ବୁଝି ଯାଉଥିଲେ ସଦାଶିବ ମିଶ୍ର ବୋଲି । ସାର୍ ଙ୍କ ଜମି କହିଲେ ଲୋକେ ଜାଣନ୍ତି କାହାର ସେଇଟା ବୋଲି । ତାଙ୍କର ପିନ୍ ପିନ୍ ସଫା ଧୋତି,ଧୋବ ଫରଫର ପଞ୍ଜାବୀ ଆଉ ପାଦରେ ହଳେ ଜୋତା ଦେଖିଲେ ଜଣାଯାଏ ତାଙ୍କର ଭିତରଟା ବି ଅବିକଳ ସଫାସୁତୁରା ।

ମୁହଁରେ ତାଙ୍କର ସବୁବେଳେ ଏକ ନିର୍ଭ ?ଜାଲ ହସ ମାଖି ହୋଇ ରହିଥାଏ ।ଲୋକେ କହନ୍ତି ସାର୍ ଙ୍କ ହାତରେ କି କିମିଆ ଅଛି କେଜାଣି ସେ ଯେଉଁ ଚାରା ଟିଏ ମାଟିରେ ଛୁଆଁଇ ଦିଅନ୍ତି ସେ ମୁଣ୍ଡଟେକି ସବୁଜ ଛନଛନ ହୋଇ ଯାଇଛି । ସେ ଯେଉଁ ପିଲାର ମଥାରେ ହାତ ରଖି ଦିଅନ୍ତି, ତାକୁ ସରସ୍ୱତୀ ବରପୁତ୍ର କରି ନିଅନ୍ତି ।

ଏତେ ଭଲଗୁଣଧାରୀ ବ୍ୟକ୍ତିଙ୍କୁ ଅସମ୍ମାନ କରିବା ପାଇଁ ମଧ ତିଆରି ହୋଇଥିଲେ କିଛି ଲୋକ । ବାପା ତାଙ୍କ ଜୀବଦ୍ଦଶାରେ ଅନୀତି ସହିତ ସାଲିସ ନକରି ନିଜେ ତିଆରି କରିଥିଲେ କିଛି ବିରୋଧୀ ।ଥରେ ନୁହେଁ ବାରମ୍ବାର ବାପା ଙ୍କୁ ଶିକାର ହେବାକୁ ପଡ଼ିଥିଲା କୁତ୍ସାରଟନାର । ହେଲେ ସବୁ ରଟନା କୁ ପ୍ରତିହତ କରି ତାଙ୍କ ଚରିତ୍ର ହୋଇ ଚାଲିଥିଲା ତେଜୋଦୀପ୍ତ ।ସଚ୍ଚରିତ୍ର ର ପ୍ରମାଣପତ୍ର ବାପା ସାଉଁଟି ଚାଲିଥିଲେ ଥରକୁ ଥର । ବରଂ ଦିନକୁ ଦିନ ଝଲି ଉଠୁଥିଲେ ସୁନା ଭଳି ।

ମୋର ମନେ ଅଛି ପିଲାବେଳେ ମୋ ବ୍ୟାଗରୁ ଥରେ ବାହାରିଥିଲା ଦୁଇଟି ପେନ୍ । ଯାହା ତାଙ୍କ ଦୃଷ୍ଟିରେ ପଡ଼ିଥିଲା ।ଧପାସ କରି ମୋ କାନମୂଳେ ବସିଥିଲା ଗୋଟିଏ ସଶକ୍ତ ଚାପୁଡା ।
' କିଏ ଛାଡି ଦେଇ ଯାଇଥିଲା ତ ମୁଁ ପାଇ ନେଇ ଆସିଛି ' ର କୈଫିୟତ ତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା ।

ମୁଁ ଏବେ ମହାବିଦ୍ୟାଳୟର ଛାତ୍ର । ହେଲେ ଏପର୍ଯ୍ୟନ୍ତ ଭୁଲି ପାରିନାହିଁ ସେଦିନର କଥା ।ଏମିତିକା ଜଣେ ବ୍ୟକ୍ତିଙ୍କର ପୁଅ ହୋଇ ସଂସାରକୁ ଆସିବା ମୋର କେତେ ତପସ୍ୟାର ଫଳ ହୋଇଥିବ ନିଶ୍ଚୟ ।

ହେଲେ ମୁଁ ସଠିକ୍ ଚିହ୍ନି ପାରିଲିନି ତାଙ୍କୁ ଯେମିତି କୃଷ୍ଣସାର ମୃଗ ଅପରିଚିତ ଥାଏ ନିଜ ଭିତରୁ ଖେଳି ଯାଉଥିବା ସୁଗନ୍ଧକୁ ।

ଘଟଣାଟି ଥିଲା ଏମିତି... !

ସ୍କୁଲ ଭିତରେ ଗୋଟିଏ ଦଶମ ଶ୍ରେଣୀ ଛାତ୍ରୀ ସହିତ ଅନୈତିକ ସମ୍ପର୍କରେ ଲିପ୍ତ ଅଛନ୍ତି ବୋଲି ବାପାଙ୍କ ନାମରେ ହଠାତ୍ ଖେଳିଗଲା ଖବରଟିଏ । ସେ ପୁଣି ଅବସର ନେବାର ଅବ୍ୟବହିତ ପୂର୍ବରୁ ।

ପରଦିନ ସମ୍ବାଦପତ୍ର ମାନଙ୍କରେ ଶିରୋନାମା ହୋଇ ଝଟକୁଥିଲା ସେଇ ଘୃଣ୍ୟ ଘଟଣାଟି ।ଆମ ପରିବାରୁ ଉପରେ ଯେମିତି ଏକ ଝଡ଼ ବହି ଯାଇଥିଲା । ନିସ୍ତବ୍ଧତା ଖେଳୁଥିଲା... !

ଏ ବିଷୟରେ କେହି ବାପାଙ୍କୁ ପଚାରିବାକୁ ସାହସ କରି ପାରିନଥିଲୁ । ମୁଁ ଆଉ ସାନ ଭଉଣୀର କଥା ଛାଡ଼,ବୋଉ ବି ନୀରବି ଯାଇଥିଲା । ବାପା ବି ନିଜ ତରଫରୁ କୌଣସି କୈଫିୟତ ଦେଇ ନଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେ ଥିଲେ ନିର୍ବିକାର ।

ବୋଉ ବାପାଙ୍କ ସହିତ କଥା ହେବା ଦୂରରେ ଥାଉ , ସିଧା ଚାହୁଁନଥିଲା ବାପାଙ୍କ ମୁହଁକୁ ।ତା ମୁହଁରେ ଅନବରତ ଖେଳୁଥିଲା କଳାହାଣ୍ଡିଆ ମେଘଖଣ୍ଡ ମାନ । ଆଖି ଭିଜା ଭିଜା ।

ଝିଅଟିର ବାପା ମାଆ ଏବଂ ଜଣେ ସହକାରୀ ଶିକ୍ଷକଙ୍କ ସହାୟତାରେ ସ୍ଥାନୀୟ ସରପଞ୍ଚ ବାପାଙ୍କ ନାଁ ରେ ପୋଲିସ୍ ଷ୍ଟେସନରେ ଏଫ୍ ଆଇ ଆର୍ ଦେଇଥିଲେ ।ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା ।କେଶ ଟି ବିଚାରାଧୀନ ରହିଲା କୋର୍ଟରେ ।

ହେଲେ ବାପା ସବୁଦିନ ପରି ଦିଶୁଥିଲେ ସ୍ଥିତପ୍ରଜ୍ଞ ଯାହା ଆମକୁ କରୁଥିଲା ବ୍ୟତିବ୍ୟସ୍ତ ।ଏ ବ୍ୟକ୍ତି କାହିଁକି ନିଜ ସପକ୍ଷରେ ପଦୁଟିଏ କରୁନାହାଁନ୍ତି ? କାହିଁକି ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରୁନାହାନ୍ତି ?

ଆମେ କେହି ବୁଝି ପାରୁନଥିଲୁ ବାପାଙ୍କୁ ।

ଏ ଘଟଣାର ଦୁଇ ମାସ ପରର ଘଟଣା ।ମାମୁଙ୍କ ଝିଅର ବାହାଘର ଠିକ୍ ହେଲା । ବାହାଘରରେ ଯୋଗ ନଦେଲେ ଅଚଳ । ଏପଟେ ସମାଜ କୁ ଭୟ ।କାଳେ କେହି କିଛି କହିଦେବ !

ବାପା ନିଜ ଆଡୁ ବୋଉକୁ କହିଲେ –' ତୁମେ ଦୀପୁ କୁ ନେଇ ବାହାଘରରେ ଯୋଗଦିଅ । ଝିଅ ଆଉ ମୁଁ ଏଇଠି ଥିବୁ ।'

ବାସ୍, ଯେମିତି ଖିଅ ଖୋଜୁଥିଲା ବୋଉ ।
–' ତୁମେ ତ ଘରେ ରହିବ ନା ! କେଉଁ ଭରସାରେ ଝିଅକୁ ଏଠି ଛାଡି ଯିବି ?'

ବୋଉ କଥା ଶୁଣି କିଛି ସମୟ ଚୁପ୍ ରହିଲେ ବାପା । କିଛି ସମୟ ଶୂନ୍ୟକୁ ଚାହିଁ ରହିଲେ । ଟିକିଏ ପରେ ଧୀର ସ୍ୱରରେ କହିଲେ –' ଯଦି ତୁମମାନଙ୍କୁ ଲାଗୁଛି ମୁଁ ଚରିତ୍ର ହୀନ,ଧିକ୍ ମୋ ଜୀବନ.. !'

ବାପାଙ୍କ ଆଖିରେ ପ୍ରଥମ ଥର ମୁଁ ଲୁହ ଦେଖିଲି । ମୋତେ ଡର ଲାଗୁଥିଲା ବାପାଙ୍କୁ କିଛି ଆଶ୍ୱାସନା ଦେବାକୁ ।ଆଉ କିଛି ନକହି ବାପା ଯାଇଁ ଶୋଇ ପଡିଲେ । ହେଲେ ବାପାଙ୍କର ସେ ନିଦ ଆଉ ଭାଙ୍ଗି ନଥିଲା ।

ବାପାଙ୍କ ଦ୍ୱାଦଶ କର୍ମ ସରିଯାଇଥିଲା । ସେଇଦିନ ହିଁ ତଦନ୍ତ ରିପୋର୍ଟ ସାର୍ବଜନୀନ ହେଲା । ନ୍ୟାୟାଳୟରେ ସେଇ ସହକାରୀ ଶିକ୍ଷକ, ସେଇ ଝିଅଟି ବାପାଙ୍କୁ ନିଜ ନିଜ ବୟାନରେ ଦୋଷମୁକ୍ତ କରିଦେଲେ ।

ବାପା ପ୍ରମାଣିତ ହେଲେ ନିର୍ଦ୍ଦୋଷ, ନିଷ୍କଳଙ୍କ ।

ଚରିତ୍ର ତ ଅୟୁତ ସାଧନାର ଅମୋଘ ଶକ୍ତି । ବ୍ୟକ୍ତିକୁ କରେ ଯଶୋଦେହେ ଆୟୁଷ୍ମାନ । ଚରିତ୍ର କୁ କିଣାବିକା କରି କ'ଣ କେହି କ'ଣ ହାତେଇ ପାରିଛି ସୋରଡାଏ ଶାନ୍ତି ?ଯେ ଏମିତି ଅପଚେଷ୍ଟା କରେ ସେ ତ ପରାଜିତ ଲୁଣ୍ଠିତ ଅଧିପତି । ନିଜକୁ ଗଳିତ ଶବଟିଏ ପରି ବଞ୍ଚ ?ଇ ରଖିଥିବା ମୃତ ଆତ୍ମା ।ସତ୍ୟ ର ପରିପ୍ରକାଶ ବିଧି ନିର୍ଦ୍ଦେଶ ।

ଜଣାପଡ଼ିଲା ମଧ୍ୟ ସରପଞ୍ଚଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ କୁତ୍ସାରଟନା ବିଷୟରେ ।ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିବା ପୁଅ ପାଇଁ କୋଷ୍ଚିନ ଲିକ୍ କରିବାକୁ ବାପାଙ୍କୁ ବାଧ କରି ବିଫଳ ହୋଇ ଅସହିଷ୍ଣୁ ହୋଇ ପଡ଼ିଥିଲେ ସରପଞ୍ଚ ଏବଂ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଝିଅଟିର ବାପାକୁ ଆବାସ ଯୋଜନାରେ ଘର ଦେବେ ବୋଲି କହି ଏ ପ୍ରକାର ଚକ୍ରାନ୍ତ ରଚିଥିଲେ ।

ବାପାଙ୍କ ନିଷ୍କଳଙ୍କ ଚରିତ୍ରର ଜୟଗାନ କରିବାକୁ ସାରା ଗାଁ ଏକଜୁଟ ହୋଇଥିଲେ । ଶୋଭାଯାତ୍ରା କରି ଗାଁ ଲୋକେ ଉତ୍ସବ ମୁଖର ହୋଇଉଠିଥିବା ବେଳେ ସେହି ସମୟରେ ଆଉ ଗୋଟିଏ ଯାତ୍ରାରେ ସାମିଲ ହୋଇଥିଲା ହୃଦଘାତରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ମୋ ବୋଉର ସ୍ପନ୍ଦନ ହୀନ ଦେହ... !

*କୁଞ୍ଜବିହାରୀ ଲେନ, କଟକ*

